## ସଂକ୍ଷେପରେ

### ନୀଳାଚଳ ଇସ୍ପାତ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ ନିର୍ଦ୍ଦେଶ

**କଳିଙ୍ଗନଗର, ୨୨।୭ (ଡି.ଏନ୍.ଏ.):** ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚ ତରଫରୁ ଦାଏର କରାଯାଇଥିବା ପିଟିସନର ଶୁଣାଣି କରି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆଗାମୀ ଦୁଇ ମାସ ମଧ୍ୟରେ ସମସ୍ତ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ନୀଳାଚଳ ଇସ୍ପାତରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଗତ ଫେବୃଆରୀର କେବଳ ୭୫% ଦରମା ପାଇଥିବା ବେଳେ ମାର୍ଚ୍ଚରୁ ଅଦ୍ୟାବଧି ଦରମା ପାଇନାହାନ୍ତି। ଦରମା ମିଳୁ ନ ଥିବା ବେଳେ ପରିବାର ପ୍ରତିପୋଷଣ ବୋଝ ସହି ନ ପାରି ଜଣେ ଠିକା କର୍ମଚାରୀ ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ଜଣେ ଅନାହାରରେ ମୃତ୍ୟୁବରଣ କରିଛନ୍ତି ବୋଲି ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚର ଆବାହକ ରଞ୍ଜନ ନାୟକ କେନ୍ଦ୍ର, ରାଜ୍ୟ ସରକାର, ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଚିଠି ଦ୍ୱାରା ଜଣାଇଥିଲେ।

### ବିଦ୍ୟୁତ୍ ତାର ଲାଗି ବୃଦ୍ଧ ମୃତ

ସିଂହପୁର, ୨୨।୭ (ଡି.ଏନ୍.ଏ.) ବିଞ୍ଝାରପୁର ଥାନା ଅଧୀନ ସିଂହପୁର ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକଦେବ ବେହେରା(୭୦)ଙ୍କର ବୁଧବାର ଭୋରରୁ ମୃତ୍ୟୁ ଘଟିଛି। ଗ୍ରାମ ନିକଟସ୍ଥ ନାଉବାଙ୍କ ମଠ ନିକଟ ଏଲଟି ଲାଇନ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିଲା। ଅନ୍ଧାରରେ ଦେଖି ନ ପାରି ଶୁକଦେବ ସେହି ତାରରେ ଛନ୍ଦି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଜରୀ ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

### ମୋବାଇଲ ଦୋକାନରୁ ଚୋରି

**ରସୁଲପୁର, ୨୨।୭ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାରଠାରେ ଥିବା ଏକ ମୋବାଇଲ ଦୋକନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ୩ ଦୁର୍ବୃତ୍ତଙ୍କଠାରୁ ପୋଲିସ ଚୋରି ସାମଗ୍ରୀ ଜବତ କରିଥିବା ବେଳେ ସେମାନଙ୍କୁ ଧରିପାରିନାହିଁ। ଜବତ ୪୯ଟି ସ୍ମାର୍ଟଫୋନ୍, ଗୋଟିଏ ଟାବ୍‌ଲେଟ, ୫ଟି ପାୱାର ବ୍ୟାଙ୍କ, ୨ଟି ଇଅର ଫୋନ୍ ପୋଲିସ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ଫେରାଇଛି। ବୁଧବାର ଏ ନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୪୧/୨୦ ନଂ.ରେ ମାମଲା ରୁଜୁ କରିଛି।

# ଘରୋଇ ପାଥୋଲାବ୍, ମାର୍କେଟ କମ୍ପ୍ଲେକ୍ସ ସିଲ୍

- ଜ୍ୱର ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଯାଇଥିଲେ ସଂକ୍ରମିତ
- ୯ ଜଣଙ୍କୁ କ୍ୱାରାଣ୍ଟାଇନ୍ ପଠାଗଲା
- କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ

ଜଗତ୍‌ସିଂହପୁର ଅଫିସ,୨୨।୭

୬୭ ବର୍ଷୀୟା ଜଣେ ମହିଳା ବୁଧବାର ସ୍ଥାନୀୟ ଏକ ଘରୋଇ ପାଥୋଲାବ୍ ଯାଇଥିବା ବେଳେ କରୋନା ସଂକ୍ରମିତ ଥିବା ସନ୍ଦେହ କରାଯାଉଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ କୋଭିଡ୍ ସେଣ୍ଟରରେ ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ପରେ ସେ କରୋନା ସଂକ୍ରମିତ ଥିବା ଜଣାଯାଇଛି। ଏହି ରିପୋର୍ଟକୁ ଆଧାର କରି ଜଗତ୍‌ସିଂହପୁର ପୋଲିସ ଏହି ଘରୋଇ ପାଥୋଲାବ୍ ସହ ନିମାଇଁ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରିଛି। ଏଥିସହ ପାଥୋଲାବ୍‌ରେ ଥିବା କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ପାଥୋଲାବରେ ମହିଳାଙ୍କୁ ଦେଖିଥିବା ଡାକ୍ତରଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ଏ ସମ୍ପର୍କରେ ପାଥୋଲାବ୍ ପକ୍ଷରୁ କୁହାଯାଇଛି, ଡାକ୍ତର ହିମାଂଶୁ ନନ୍ଦ ପାଥୋଲାବ୍ ପରିସର ଚାମ୍ବରରେ ରୋଗୀ ଦେଖୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ରଘୁନାଥପୁର ଅଞ୍ଚଳର ଏହି ମହିଳା ପହଞ୍ଚି ପ୍ରଥମେ ଡାଏବେଟିସ୍ ଓ ପରେ ଜ୍ୱର ହୋଇଥିବା କହିଥିଲେ। ଯେହେତୁ ଜ୍ୱର କଥା ଉଠାଇଥିଲେ ତେଣୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଥିଲେ। ପରେ ମହିଳାଜଣକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲା ପରେ ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ରିପୋର୍ଟରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଥିଲା। ସମ୍ପୃକ୍ତ ମହିଳା ସଂକ୍ରମିତ ହୋଇଥିବାରୁ ପାଥୋଲାବ୍‌ରେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେନେଇ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ପ୍ରଥମେ ୯ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଅନୁସନ୍ଧାନ ପରେ ଯେତେ ଲୋକ ସମ୍ପୃକ୍ତ ମହିଳାଙ୍କ ସଂସ୍ପର୍ଶରେ ଆସିଥିବେ ସେମାନଙ୍କୁ ଟ୍ରେସ୍ କରାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯିବା ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟା ପଣ୍ଡା କହିଛନ୍ତି, କେଉଁମାନେ ମହିଳାଙ୍କ ଅତି ପାଖରେ ସଂସ୍ପର୍ଶରେ ଆସିଛନ୍ତି ତାକୁ ପ୍ରାଥମିକତା ଭିତ୍ତିରେ ଖୋଜାଯିବ। ପରେ ଅନ୍ୟମାନଙ୍କ ତାଲିକା ପ୍ରସ୍ତୁତ କରାଯିବ। ପ୍ରତ୍ୟେକଙ୍କର ସ୍ୱାବ୍ ସଂଗ୍ରହ ହେବ ଏବଂ କ୍ୱାରାଣ୍ଟାଇନ୍‌ରେ ରଖାଯିବା ବ୍ୟବସ୍ଥା କରାଯିବ। ଜଗତ୍‌ସିଂହପୁର ସହରର ଏହି ପାଥୋଲାବ୍‌ରେ ପାଖାପାଖି ୧୫ କର୍ମଚାରୀ ନିୟୋଜିତ ଥିବାବେଳେ କେତେ ଜଣ ଉପସ୍ଥିତ ଥିଲେ ସେମାନଙ୍କ ସନ୍ଧାନ କରାଯାଇ ସରିଛି। କିନ୍ତୁ ସେତେବେଳେ କେତେ ଜଣ ଥିଲେ ତାହା ଜଣାଯାଇ ନ ଥିଲେ ସୁଦ୍ଧା ଅନେକ ଲୋକ ଥିବା ଆଲୋଚନା ହେଉଛି। ତେବେ ଅନୁସନ୍ଧାନ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ। ଏହି ଘଟଣାକୁ ନେଇ ଜଗତ୍‌ସିଂହପୁର ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାରଣ ପ୍ରତ୍ୟେକଙ୍କ କଣ୍ଟାକ୍ଟ ଟ୍ରେସିଂ ହୋଇ ନ ପାରିଲେ ଗୋଷ୍ଠୀ ସଂକ୍ରମଣ ଭୟ ରହିଛି।


ନିମାଇଁ ମାର୍କେଟ କମ୍ପ୍ଲେକ୍ସ ସିଲ୍ କରାଯାଇଛି।

## ମୁଖ୍ୟ ଗେଟ୍‌ରେ ତାଲା ପକାଇଲେ ଶ୍ରମିକ

**ଫେଙ୍କରରେ ଖଣି କାର୍ଯ୍ୟ ବନ୍ଦ ନେଇ ଉତ୍ତେଜନା**

କାଳିଆପାଣି, ୨୨।୭ (ଡି.ଏନ୍.ଏ.)

ଖଣି ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଖଣି ବନ୍ଦ ହେଉଥିବା ବେଳେ ୫ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ଫେଙ୍କର ଖଣି ବୁଧବାରଠାରୁ ବନ୍ଦ ହୋଇଯାଇଛି। ଏଥିରେ କାର୍ଯ୍ୟ କରୁଥିବା ଠିକାଦାର ନାରାୟଣୀ ଆଣ୍ଡ ସନ୍ସ ୨୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ଓସ୍ତପାଳ ଖଣିରୁ ଛଟେଇ କରିଥିବା ଜଣାପଡ଼ିଛି। ଶ୍ରମିକ ଓ କର୍ମଚାରୀମାନଙ୍କୁ ଠିକାଦାର ବକେୟା ପ୍ରାପ୍ୟ ପ୍ରଦାନ କରି ନ ଥିବା ବେଳେ ଫେଙ୍କର କମ୍ପାନୀ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଶ୍ରମିକମାନେ ବୁଧବାର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ। ଏ ନେଇ ସନ୍ଧ୍ୟାରେ କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ମଧ୍ୟ ବସିଥିବା ସମାଧାନ ବୈଠକ ମଧ୍ୟ ବିଫଳ ହୋଇଥିବା ଜଣାଯାଇଛି। ଫଳରେ ଗୁରୁବାରଠାରୁ ଖଣିର ସମସ୍ତ କାର୍ଯ୍ୟ ବନ୍ଦ କରିବା ସହ କାହାକୁ ଭିତରକୁ ଛଡ଼ା ଯିବନି ବୋଲି ଶ୍ରମିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଲୋଚନାରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତଙ୍କ ସହ ସମ୍ପୃକ୍ତ ଖଣିର ମହାପ୍ରବନ୍ଧକ ଆର.କେ. ସିଂ, ସହକାରୀ ମହାପ୍ରବନ୍ଧକ ଅଜୟ ପାତ୍ର, ପ୍ରଶାସନିକ ଅଧିକାରୀ ସୁଶାନ୍ତ ସାହୁ, ଶ୍ରମିକ ସଂଘ ଉପଦେଷ୍ଟା ଭଗବତୀ ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପିଡି ଓ ୨ ଡିଏଫ୍‌ଓ ଗୃହ ସଙ୍ଗରୋଧରେ

**ନୟାଗଡ଼ ଅଫିସ,୨୨।୭:** ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ କରୋନା ଆକ୍ରାନ୍ତ ଚିହ୍ନଟ ପରେ ନୟାଗଡ ପିଡି (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ, ନୟାଗଡ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ମହାନଦୀ ବନ୍ୟପ୍ରାଣୀ ଡିଭିଜନ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, ଡିଆରଡିଏର କିଛି କର୍ମଚାରୀ ଗୃହ ସଙ୍ଗରୋଧରେ ରହିଛନ୍ତି। ଏମାନଙ୍କର ସ୍ୱାବ୍ ପରୀକ୍ଷଣ କରାଯିବ। ମଙ୍ଗଳବାର ନୟାଗଡ ଡିଆରଡିଏ ସମ୍ମିଳନୀ କକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଖୋର୍ଦ୍ଧା ଡିଏଫ୍‌ଓ ଯୋଗଦେଇ ଫେରିବା ପରେ ତାଙ୍କର ସ୍ୱାବ୍ ପରୀକ୍ଷଣ ରିପୋର୍ଟ ପଜିଟିଭ୍ ଆସିଥିଲା।

## ମାନବାଧିକାର ଉଲ୍ଲଂଘନ ଅଭିଯୋଗ କଲା ମହିଳା ସଂଗଠନ

**ଗର୍ଭବତୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ ଘଟଣା**

କେନ୍ଦ୍ରାପଡ଼ା ଅଫିସ/ଡେରାବିଶ (ସ୍ୱ.ପ୍ର.), ୨୨।୭

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାଟରାପାଟଣା ଗ୍ରାମ ସରକାରୀ ଜମିରୁ ଗର୍ଭବତୀଙ୍କ ଘର ଭାଙ୍ଗିବା ଘଟଣା ବୁଧବାର ନୂଆ ମୋଡ଼ ନେଇଛି। ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର କେନ୍ଦ୍ରାପଡା ଜିଲା କାର୍ଯ୍ୟକର୍ତ୍ତା ଘଟଣାର ତଦନ୍ତ ସହ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଣିଛନ୍ତି। ଡେରାବିଶ ତହସିଲଦାରଙ୍କୁ ଏକ ଅଭିଯୋଗ ପତ୍ର ଦେବା ସହ ଆଗାମୀ ଦିନରେ ତହସିଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମାନବାଧିକାର କମିଶନ ଓ ମହିଳା କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ସଙ୍ଗଠନର କର୍ମକର୍ତ୍ତା ହୀରାମଣୀ ରାଉତ କହିଛନ୍ତି, ଏହି ତହସିଲ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଧ୍ରୁବଚରଣ ବେହେରା ୬ବର୍ଷ ପୂର୍ବେ ସ୍ଥାନୀୟ ଅଞ୍ଚଳର ଭିନ୍ନ ସମ୍ପ୍ରଦାୟର ସାନୁ ବେଗମଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଥିବାବେଳେ ଏବେ ସେ ଗର୍ଭବତୀ ଅଛନ୍ତି। ପ୍ରେମ ବିବାହ ସମୟରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେବାରୁ ନିକଟସ୍ଥ ଚାଟରାପାଟଣା ଗ୍ରାମ ନିକଟ ସରକାରୀ ଜମିରେ ଘର କରି ରହିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଏକ ଛୋଟ ପାନଦୋକାନ କରିଥିଲେ। ତେବେ କିଛିଦିନ ପୂର୍ବେ ତହସିଲଦାର ସେମାନେ ଘରେ ନ ଥିବାବେଳେ ଘରକୁ ଭାଙ୍ଗି ଦେଇଛନ୍ତି। ଫଳରେ ଗର୍ଭବତୀଙ୍କୁ ନେଇ ପରିବାର ସଦସ୍ୟ ଜରିପାଲ ତଳେ ଦିନ କାଟୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରୁଥିବା ବେଳେ ଗର୍ଭବତୀଙ୍କୁ ବେଘର କରିବା ମାନବାଧିକାର ଉଲ୍ଲଂଘନ ବୋଲି ହୀରାମଣୀ ଦର୍ଶାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସମିତ କୁମାର ଶତପଥୀ କହିଛନ୍ତି, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ତାଙ୍କ ନିକଟକୁ ନୋଟିସ ଯାଇଥିଲା। ନୋଟିସ ଅନୁଯାୟୀ ତହସିଲ କୋର୍ଟରେ ଶୁଣାଣି ପରେ ଘର ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଧାର୍ଯ୍ୟ ସମୟରୁ ଅଧିକ ଦିନ ହେବାରୁ ଉଚ୍ଛେଦ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହିଳା ସଂଗଠନର ଏଲିନା ସାମନ୍ତରାୟ, ବ୍ରଜବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଗୁଡୁଛି କରୋନା ସ୍ଥିତି, ନୂଆ ୨୪ ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୨୨।୭

କେନ୍ଦ୍ରାପଡ଼ା ଜିଲାରେ ବୁଧବାର ୨୪ ନୂତନ ଚିହ୍ନଟଙ୍କ ମଧ୍ୟରୁ ୧୪ ଜଣ ସ୍ଥାନୀୟ ସଂକ୍ରମଣ। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ସଂକ୍ରମଣ ହୋଇଥିବାରୁ ୨୦ ତାରିଖରେ ଆଳି ବ୍ଲକ ଅରେଇକଣା ପଞ୍ଚାୟତ କୁମ୍ଭାରଟଙ୍କା ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ଏହିଦିନ ଡେରାବିଶ ବ୍ଲକ ଗୋଲରହାଟ ପଞ୍ଚାୟତ ଦୁମାକାହାଟ ଓ ଗୋଲରହାଟ ଗ୍ରାମର ୱାର୍ଡ ନଂ.୧୦, ୧୨ ଓ ୧୩କୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ୨୧ ତାରିଖରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁର ୬ନଂ. ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ସେହିପରି କେନ୍ଦ୍ରାପଡା ମ୍ୟୁନିସିପାଲିଟିର ୧୪ ଓ ୧୬ନଂ. ୱାର୍ଡକୁ ୭ଦିନ ପାଇଁ ଶଟ୍‌ଡାଉନ କରାଯାଇଥିବା ବେଳେ ୧୫ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍‌ର ସମୟ ଅବଧିକୁ ୭ଦିନ ବୃଦ୍ଧି କରାଯାଇଛି। ମହାକାଳପଡା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗ୍ରାମର ୭ନଂ. ୱାର୍ଡ ଓ ଡେରାବିଶ ବ୍ଲକ ବାଲିଆ ଗ୍ରାମର ୨ନଂ ୱାର୍ଡକୁ ୭ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ୬ ସ୍ଥାନରେ ସ୍ଥାନୀୟ ସଂକ୍ରମଣ ହୋଇଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

## ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଖଣ୍ଡପଡ଼ା,୨୨।୭(ସ୍ୱ.ପ୍ର.)

ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ଖଣ୍ଡପଡା ସହର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଏନ୍‌ଏସି କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟଟନସ୍ଥଳୀ ମୁଖ୍ୟ ଫାଟକରେ ବାଉଁଶବାଡ ପକାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଫ୍ଲେକ୍ସ ଲଗାଯାଇଛି।


ପର୍ଯ୍ୟଟନସ୍ଥଳୀ ମୁଖ୍ୟ ଫାଟକରେ ବାଉଁଶବାଡ଼ କରାଯାଇଛି।

## ଜିରା ଧାନମଣ୍ଡିରେ ଅନିୟମିତତାର ତଦନ୍ତ

ରଘୁନାଥପୁର,୨୨।୭(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅଧୀନ ରାଢ଼ଙ୍ଗ ପଞ୍ଚାୟତ ଜିରା ସେବା ସମବାୟ ସମିତି ଧାନମଣ୍ଡିରେ ବ୍ୟାପକ ଅନିୟମିତତା ନେଇ ହୋଇଥିବା ଅଭିଯୋଗର ତଦନ୍ତ ହୋଇଛି। (ସବ୍ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି) ଏସ୍‌ଏଆର୍‌ସିଏସ୍ ପ୍ରଭାତ କୁମାର ମହାପାତ୍ର ସମିତି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହିତ ଚାଷୀଙ୍କଠାରୁ ମଧ୍ୟ ପଚାରି ବୁଝିଛନ୍ତି।

୨୦୧୯-୨୦ ଖରିଫ ଧାନ ସଂଗ୍ରହ ପାଇଁ ମୋଟ ୧୦୪ ଚାଷୀ ଅନଲାଇନରେ ନାମ ରେଜିଷ୍ଟ୍ରେସନ କରିଥିଲେ। ୫ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ଥିବାବେଳେ ୪ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି ହୋଇଛି। ତେବେ ଭାଗଚାଷୀଙ୍କ ନାମରେ ଅଧିକ ଧାନ ଉଠା ଯାଇଥିବାବେଳେ ପ୍ରକୃତ ଚାଷୀଙ୍କୁ ଅନ୍ଧାରରେ ରଖି ସମିତି କର୍ମଚାରୀଙ୍କ ପକ୍ଷରୁ ପରୋକ୍ଷରେ ବେପାରୀଙ୍କୁ ସୁବିଧା ଯୋଗାଇ ଦିଆଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରି କି ଚାଷୀଙ୍କୁ ଠିକ ସମୟରେ ଟୋକନ ମଧ୍ୟ ଦିଆଯାଇନି। ଏଥିରେ ଡାଟା ଏଣ୍ଟ୍ରି ଅପରେଟର ଓ ପିଅନଙ୍କ ହାତଥିବା ଚାଷୀ କହିଛନ୍ତି। ଏହାଛଡ଼ା ଚାଷୀ ମଞ୍ଜୁଲତା ନାୟକ ସମିତିରୁ ୨୫ ହଜାରଟଙ୍କା ଋଣ ନେଇଥିଲେ ସୁଦ୍ଧା ତାଙ୍କ ନାମରେ ୪୦ ହଜାର ଟଙ୍କା ଋଣ ଉଠିଥିବା ସେ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଜାଣିବା ପରେ ୨/୩ ଦିନ ତଳେ ୧୫ ହଜାର ଟଙ୍କା ପରିଶୋଧ ହୋଇଥିବା ସେ କହିଛନ୍ତି। ସମ୍ପାଦକ ଭଗବାନ ସ୍ୱାଇଁ ଏହାକୁ ଅସ୍ୱୀକାର କରିଛନ୍ତି। ମଣ୍ଡିରେ ହୋଇଥିବା ଅନିୟମିତତା ଓ ସମିତି କର୍ମଚାରୀଙ୍କ ଉପରେ ଉଠିଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଉଛି, ଏହାପରେ ଯାହା କିଛି ହେବ ବୋଲି ଏସ୍‌ଏଆର୍‌ସିଏସ୍ ମହାପାତ୍ର କହିଛନ୍ତି। ଉପଯୁକ୍ତ ତଦନ୍ତ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚାଷୀ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, ଅନିୟମିତତା ସମ୍ପର୍କରେ ଚାଷୀ ଜ୍ୟୋତିପ୍ରତ୍ୟୁଷ ପରିଡ଼ା, ପ୍ରହଲ୍ଲାଦ ପାତ୍ର, ଦେବେନ୍ଦ୍ରନାଥ ନାୟକ, ଉପେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଜିଲାପାଳ, ଯୋଗାଣ ମନ୍ତ୍ରୀ ଓ କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ।

## ୬ ବେଆଇନ ବାଲି, ଚିପ୍ସ ବୋଝେଇ ଗାଡ଼ି ଜବତ

ରସୁଲପୁର,୨୨।୭(ଡି.ଏନ୍.ଏ)

ରସୁଲପୁର ତହସିଲ ପକ୍ଷରୁ ବୁଧବାର ବେଆଇନ ଭାବେ ବାଲି ଓ ଚିପ୍ସ ଚାଲାଣ କରୁଥିବା ୬ଟି ଗାଡିକୁ ଜବତ କରାଯାଇଛି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ବିଭିନ୍ନ ସ୍ଥାନରେ ଚଢ଼ାଉ ଏହି ଗାଡ଼ିଗୁଡ଼ିକୁ ଧରିଥିଲେ। ଜବତ ଗାଡ଼ିମଧ୍ୟରେ ୪ ବାଲିବୋଝେଇ ଟ୍ରାକ୍ଟର ଓ ୨ ଚିପ୍ସ ବୋଝେଇ ଟିପ୍ପର ରହିଛି। ଜରିମାନା ବାବଦରେ ସମ୍ପୃକ୍ତ ଗାଡ଼ିମାଲିକମାନଙ୍କଠାରୁ ୩୫ହଜାର ଟଙ୍କା ଆଦାୟ କରାଯାଇଛି। ଟ୍ରାକ୍ଟରଗୁଡିକ କଲଣ ବେଆଇନ ବାଲିଘାଟରୁ ବାଲି ନେଇ ଆସୁଥିବା ବେଳେ ତହସିଲଦାରଙ୍କ ଟିମ୍ ପକ୍ଷରୁ ଚଢ଼ାଉ ହୋଇଥିଲା। ଏହି ସମୟରେ ଅନ୍ୟ କେତୋଟି ଟ୍ରାକ୍ଟର ଛତ୍ର ଭଙ୍ଗଦେଇ ଫେରାର ହୋଇଯାଇଥିଲେ। ପରେ ତହସିଲଦାର ୧୬ନଂ ଜାତୀୟ ରାଜପଥ ବାରବାଟୀ ଛକ ନିକଟରେ ଚଢାଉ କରି ୨ଟି ଚିପ୍ସ ବୋଝେଇ ଗାଡିକୁ ଧରିଥିଲେ।

# ଚାଷୀଙ୍କ ନାଁରେ ଫେକ୍ ଆକାଉଣ୍ଟ

- ଋଣ ନେବାବେଳେ ଜଣାପଡ଼ିଲା
- କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଫେରାଦ

ନୟାଗଡ଼ ଅଫିସ/ଓଡ଼ଗାଁ,୨୨।୭(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ରୋହୀବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଗ୍ରାମର ଜଣେ ଚାଷୀଙ୍କ ନାଁରେ ଫେକ୍ ଆକାଉଣ୍ଟ ଖୋଲାଯାଇ ସରକାରୀ ଯୋଜନାର ଅନୁଦାନ ହଡ଼ପ କରାଯାଇଛି। ଫଳରେ ଚାଷୀ କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କୃଷକ ସହାୟତା, ଉଜ୍ଜ୍ୱଳା ଗ୍ୟାସ୍ ସବ୍‌ସିଡି, ଧାନ ବିକ୍ରି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଋଣ ନେବା ପାଇଁ ବ୍ୟାଙ୍କରେ ଜମା ଆକାଉଣ୍ଟ ଖୋଲିବାବେଳେ ଏହି ଜାଲିଆତିର ଗୁମର ଫିଟିଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଭଗବତୀପ୍ରସାଦର ଚାଷୀ ଜଗନ୍ନାଥ ନାୟକ ଓଡଗାଁ ଥାନା ଓ ଓଡଗାଁ ଷ୍ଟେଟବ୍ୟାଙ୍କରେ ଫେରାଦ୍ ହୋଇଛନ୍ତି।

ଜଗନ୍ନାଥଙ୍କ ଅଭିଯୋଗ ଅନୁସାରେ କୃଷି କାର୍ଯ୍ୟପାଇଁ ସୁନା ବନ୍ଧକ ରଖି ଋଣ ନେବାକୁ ଓଡଗାଁ ଷ୍ଟେଟ୍‌ବ୍ୟାଙ୍କକୁ ଆସିଥିଲେ। ଏଥିପାଇଁ ଏକ ଜମା ଖାତା ଖୋଲିବାକୁ ବ୍ୟାଙ୍କ ପକ୍ଷରୁ କୁହାଯିବା ପରେ ଜଗନ୍ନାଥ ଆଧାର କାର୍ଡ ସହିତ ଦରଖାସ୍ତ କରିଥିଲେ। ହେଲେ ପୂର୍ବରୁ ଜମା ଖାତା ଥିବାରୁ ଆଉ ନୂଆ ଖାତା ଖୋଲାଯାଇ ପାରିବ ନାହିଁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ଅଗଷ୍ଟ ୨୦୧୭ରେ ୩୭୦୫୭୦୨୭୦୭୦ ନମ୍ବରରେ ଏକ ଜମାଖାତା ତାଙ୍କ ନାଁରେ ରହିଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ହେଲେ କୌଣସି ଖାତା ଖୋଲି ନ ଥିବା ଜଗନ୍ନାଥ କହିବା ପରେ ଶାଖା ପରିଚାଳକ ବ୍ୟାଙ୍କ ପରିସରରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଜଗନାଥଙ୍କ ଅଙ୍ଗୁଳି ଚିହ୍ନ (ବାୟୋମେଟ୍ରିକ୍ସ) ମେଳ କରିବାକୁ କହିଥିଲେ। ହେଲେ ଅଙ୍ଗୁଳି ଚିହ୍ନ ମେଳ ନ ହେବାରୁ ଜଗନ୍ନାଥଙ୍କ ନାମରେ କେହି ଗ୍ରାହକ ସେବାକେନ୍ଦ୍ର ମାଧ୍ୟମରେ ଫେକ୍ ଜମା ଖାତା ଖୋଲିଥିବା ସ୍ପଷ୍ଟ ହୋଇଥିଲା। ଏପରି କି ଏକ ଏଟିଏମ୍ କାର୍ଡ ଆକ୍ଟିଭ୍ ଥିବା ମଧ୍ୟ ଜଣାପଡିଥିଲା। ଚାଷୀଙ୍କ ନାଁରେ ଜାଲିଆତି ଜଣାପଡିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍ କାର୍ଡ ବ୍ଲକ୍ କରିବା ସହିତ ଜଗନାଥଙ୍କ କେୱାଇସିକୁ ଅପ୍ ଟୁ ଡେଟ୍ କରିବାକୁ କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜଗନ୍ନାଥ ବ୍ୟାଙ୍କରେ ଆବଶ୍ୟକ ଫି ଜମା କରିବା ପରେ ପ୍ରାୟ ଅଢ଼େଇବର୍ଷ ଭିତରେ ୬ଲକ୍ଷ ୮୨ ହଜାର ୨୫୨ ଟଙ୍କାର କାରବାର ହୋଇଥିବା ଓ ବାଲାନ୍ସ ୮୫ ଟଙ୍କା ଥିବା ଜଣାପଡିଥିଲା। ପୋଷ୍ଟ ଅଫିସରେ ମଧ୍ୟ ତାଙ୍କ ନାଁରେ ଏକ ଏଟିଏମ୍ କାର୍ଡ ହୋଇଛି। ଅପରପକ୍ଷେ ଜମାଖାତା ଜାଲିଆତିରେ ରୋହୀବାଙ୍କ ଗ୍ରାମର ଜଣେ ଯୁବକ ସମ୍ପୃକ୍ତ ଥିବା ଜଣାପଡିଛି। ରୋହୀବାଙ୍କ କୃଷି ସମବାୟ ସମିତି ଜରିଆରେ ଧାନ ଟୋକନ କରାଇଦେବା ନିମନ୍ତେ ଜଗନାଥଙ୍କଠାରୁ ଉକ୍ତ ଯୁବକ ଆଧାର କାର୍ଡ, ଜମି କାଗଜ ଓ ଫଟୋ ଆଣିଥିଲେ। ପରେ କୁରାଳସ୍ଥିତ ଗ୍ରାହକ ସେବାକେନ୍ଦ୍ର ମାଧ୍ୟମରେ ଜାଲିଆତି କରି ଅନ୍ୟ ଜଣଙ୍କର ଟିପ ଚିହ୍ନ ଦେଇ ଜମା ଖାତା ଖୋଲିଛନ୍ତି। ଘଟଣା ପଦାକୁ ଆସିବା ପରେ ସମ୍ପୃକ୍ତ ଯୁବକ ଏହାକୁ ଆଉ ଆଗକୁ ନ ବଢ଼ାଇବା ପାଇଁ ଟଙ୍କା ଯାଚିବା ସହ ଧମକ ଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଓଡ଼ଗାଁ ଶାଖା ପରିଚାଳକ ମନତୋଷ ସାହୁ କୁହନ୍ତି, ଚାଷୀଙ୍କ ଅଭିଯୋଗ ମିଳିଛି। ଏହି ଜାଲିଆତି ସମ୍ପର୍କରେ ସେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି। ଓଡଗାଁ ଆଦର୍ଶ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା କୁହନ୍ତି, ତଦନ୍ତ ଆରମ୍ଭ ହୋଇଛି। ଦୋଷୀ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଅଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନୟାଗଡ଼ରେ ୫ ନୂଆ ଆକ୍ରାନ୍ତ**

ନୟାଗଡ଼ ଅଫିସ: ନୟାଗଡ଼ ଜିଲାରେ ବୁଧବାର ୩ ପୁରୁଷ ଓ ୨ ମହିଳା ଏପରି ମୋଟରେ ୫ କରୋନା ପଜିଟିଭ୍ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ମଧ୍ୟରୁ ନୂଆଗାଁ ବ୍ଲକର ୧, ରଣପୁରରୁ ୩, ଭାପୁରରୁ ୧ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଚୋରି ବୋଲେରୋ ଉଦ୍ଧାର, ଅଭିଯୁକ୍ତ ଗିରଫ

**ନୟାଗଡ ଅଫିସ,୨୨।୭:** ନୟାଗଡ଼ ଟାଉନ ଥାନା ପୋଲିସ ବୁଧବାର ଏକ ଚୋରି ବୋଲେରୋ ଉଦ୍ଧାର ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ବୋଲଗଡ ଥାନା କେନ୍ଦୁପଲ୍ଲୀ ଗାଁର ଶେଖ ଆଲମ (୨୦)। ପ୍ରକାଶ ଯେ, କିଛି ଦିନ ତଳେ ନୟାଗଡ ଶାସ୍ତ୍ରୀନଗରର ବିଘ୍ନରାଜ ମହାନ୍ତିଙ୍କର ଓଡି୦୨-୪୫୧୦ ନଂ. ବୋଲେରୋ ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ ପରେ ପୋଲିସ ୧୦୯/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୋଲଗଡ କେନ୍ଦୁପଲ୍ଲୀ ଜଙ୍ଗଲରୁ ଗାଡି ଜବତ ହୋଇଛି। ଏହି ଘଟଣାରେ ୪ଜଣ ସମ୍ପୃକ୍ତ ଅଛନ୍ତି। ଅଭିଯୁକ୍ତମାନେ ନମ୍ବର ବଦଳାଇ ଗାଡ଼ି ଚଳାଉଥିଲେ।

### ଯୁବତୀଙ୍କୁ ଅପହରଣ କରି ବିବାହିତ ଯୁବକ ଗିରଫ

**ରାଜନଗର, ୨୨।୭(ଡି.ଏନ.ଏ.):** ଯୁବତୀ ଅପହରଣ ଅଭିଯୋଗରେ ରାଜନଗର ଥାନା ପୋଲିସ ଦାରୁଓରା ଗାଁର ନିର୍ମଳ ମଲିକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ନିର୍ମଳ ବିବାହିତ ହୋଇଥିବା ବେଳେ ଏକତରଫା ଭାବେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ମଙ୍ଗଳବାର ସେ ତାଙ୍କୁ ନେଇ ପଳାଉଥିଲେ। ଗୁପ୍ତି ନିକଟରେ ଝିଅର ମାମୁଁଘର ଲୋକେ ତାଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୬୫/୨୦) ରୁଜୁ କରି ନିର୍ମଳଙ୍କୁ ଗିରଫ କରିଥିଲା।

### ଚାଷଜମିକୁ ଜଳଯୋଗାଣ ନେଇ ସମୀକ୍ଷା

**ଧର୍ମଶାଳା, ୨୨।୭ (ଡି.ଏନ୍.ଏ.):** ଚାଷଜମିକୁ କେନାଲ ମାଧ୍ୟମରେ ଜଳସେଚନ କରିବା ପାଇଁ ଜାରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବୁଧବାର ଚଣ୍ଡିଖୋଲ ଜଳସେଚନ ସବ୍‌ଡିଭିଜନ କର୍ମଚାରୀମାନଙ୍କୁ ନେଇ ଏକ ସମୀକ୍ଷା କରିଛନ୍ତି। ଏହି ଅବସରରେ ଚାଷଜମିକୁ ତୁରନ୍ତ ଜଳ ଯୋଗାଣ ନେଇ ଜଗତପୁରଠାରେ ଥିବା ଜଳସେଚନ ଡିଭିଜନ ଅଧିକାରୀଙ୍କ ସହ ନିର୍ବାହୀ ଯନ୍ତ୍ରୀ ଆଲୋଚନା କରିଥିଲେ। ଗତ ୧୫ ତାରିଖରେ ୨୦୦କ୍ୟୁସେକ୍, ୧୯ତାରିଖରେ ୪୦୦କ୍ୟୁସେକ୍ ଓ ୨୨ତାରିଖରେ ୪୫୦କ୍ୟୁସେକ୍ ପାଣି ହାଇଲେବୁଲ କେନାଲରେ ଆସିଥିବା ସମୀକ୍ଷାରୁ ଜଣାପଡିଛି। ମାତ୍ର କେନାଲର ବହୁସ୍ଥାନରେ ଦଳ ଜମି ରହିଥିବାରୁ ଧର୍ମଶାଳା ବ୍ଲକ ଅଞ୍ଚଳକୁ ପାଣି ପହଞ୍ଚିବାରେ ବାଧା ଉପୁଜୁଛି। ହାଇଲେବୁଲ କେନାଲର ଚଣ୍ଡିଖୋଲଠାରେ ଜଳ ଧାରଣା କ୍ଷମତା ୧୯.୭୫ମିଟର ଥିବା ବେଳେ ଆଜି ସୁଦ୍ଧା ୧୯ମିଟର ପାଣି ପ୍ରବାହିତ ହେଉଛି। ସେହିପରି ନାକ ପୋଲଠାରୁ ଜେନାପୁର ପର୍ଯ୍ୟନ୍ତ କେନାଲକୁ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ ସାମଲ କହିଛନ୍ତି। ସମୀକ୍ଷା ବୈଠକରେ ନିର୍ବାହୀ ଯନ୍ତ୍ରୀ ସାମଲଙ୍କ ସମେତ ଜାରକା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବାମଦେବ ଦାସ, ଚଣ୍ଡିଖୋଲ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ଦାସ ଓ କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ବୈଠକ ପରେ ନିର୍ବାହୀଯନ୍ତ୍ରୀ ଓ ସହକର୍ମୀମାନେ ହାଇଲେବୁଲ କେନାଲ ଓ ଶାଖା କେନାଲକୁ ପରିଦର୍ଶନ କରିଥିଲେ।

### ଧର୍ମପ୍ରାଣା ବ୍ୟକ୍ତିଙ୍କ ପରଲୋକ

**କୁଜଙ୍ଗ,୨୨।୭(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ଅଧୀନ ଜଗନ୍ନାଥପୁରସ୍ଥର ଧର୍ମପ୍ରାଣା ବ୍ୟକ୍ତି କେଶବଚନ୍ଦ୍ର ପୃଷ୍ଟିଙ୍କ ୭୬ ବର୍ଷ ବୟସରେ ବୁଧବାର ପରଲୋକ ହୋଇଛି। ସେ ବିଦ୍ୟୁତ୍ ବିଭାଗରେ କାମ କରି ଅବସର ନେବା ପରେ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ। କିଛିଦିନ ତଳୁ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର କୈଳାସ ଚନ୍ଦ୍ର ପୃଷ୍ଟି, ମଧ୍ୟମ ପୁତ୍ର ପ୍ରଦୀପ ପୃଷ୍ଟି, କନିଷ୍ଠ ପୁତ୍ର ସୁବାସ ଚନ୍ଦ୍ର ପୃଷ୍ଟି ଓ ସ୍ତ୍ରୀ ଉଷାରାଣୀ ପୃଷ୍ଟି ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। କୁଜଙ୍ଗ ବାର ଆସୋସିଏଶନ ପୂର୍ବତନ ସଭାପତି ଏନଡି ଯାଦବ, ସାମାଜିକ କର୍ମୀ ବୈଷ୍ଣବ ଦାସ, ବିଜୟ ପଣ୍ଡା, ସତ୍ୟାନନ୍ଦ ନାଥ, ମନୋଜ ପଣ୍ଡା, ସୁଖେନ୍ଦୁ ପ୍ରସାଦ ଦାସ, ନବକିଶୋର ସାହୁ, ଦିଲୀପ ପୃଷ୍ଟି, ଗଗନ ନାଥ ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

# ଆଉ ପାଦେ ଆଗେଇଲା ମେଡିକାଲ କଲେଜ ପ୍ରସ୍ତାବ

**ଯାଜପୁର ଜିଲା**

- ଏସ୍‌ଆଇଏ ସର୍ବେକ୍ଷଣ ପାଇଁ ଅଧିସୂଚନା ଜାରି
- ମେଡିକାଲ କଲେଜ ନିମନ୍ତେ ଅଧିଗ୍ରହଣ ହେବ ୦.୪୮୯୦ ଏକର ବେସରକାରୀ ଜମି
- ଡିଏଚ୍‌ଏଚ୍ ସମ୍ପ୍ରସାରଣ ନିମନ୍ତେ ୧.୩୦୭୦ ଏକର ଜମି ଅଧିଗ୍ରହଣ ପ୍ରସ୍ତାବ
- ସ୍ଥାନୀୟ ଭାଷାରେ ପ୍ରକାଶିତ ହେବ ଏସ୍‌ଆଇଏ ରିପୋର୍ଟ
- ସର୍ବେକ୍ଷଣ ରିପୋର୍ଟ ୱେବ୍‌ସାଇଟରେ ସୂଚିତ କରିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ, ୨୨।୭**

ଯାଜପୁରଠାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ଓ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଏଯାଏ କୌଣସି ଗ୍ରାମସଭା କିମ୍ବା ମତାମତ ସଂଗ୍ରହ ହୋଇ ନ ଥିବା ଜଣାପଡିଛି। ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ଧାରା ୪ ଅନୁଯାୟୀ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ବେକ୍ଷଣ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ଆଇଏ ସର୍ବେକ୍ଷଣ ପାଇଁ ଭୁବନେଶ୍ୱରର ଲାଇଫ୍ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ (ଏଲଏଭିଏସ)କୁ ଦାୟିତ୍ୱ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ ଅଭୟ କୁମାର ନାୟକ ଏହି ମର୍ମରେ ଗତ ୭ ତାରିଖରେ ଅଧିସୂଚନା ଜାରି କରିଛନ୍ତି। ଏଥିପାଇଁ ଯାଜପୁର ତହସିଲ ଅଧୀନ ଆଙ୍କୁଲା ଗ୍ରାମର ୦.୧୬୦୦ ଏକର ଓ ରାଉତରାପୁର ୟୁନିଟ୍-୩ର ୦.୩୨୯୦ ଏକର ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ରହିଛି। ଅନୁରୂପ ଭାବେ ଡିଏଚ୍‌ଏଚ୍ ସମ୍ପ୍ରସାରଣ ପାଇଁ ଯାଜପୁର ତହସିଲ ଅଧୀନ ଶୀତଳେଶ୍ୱର ଗ୍ରାମ ୟୁନିଟ-୭ର ୧.୩୦୭୦ ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରଖାଯାଇଛି। ଉଭୟ ପ୍ରକଳ୍ପରେ ପ୍ରାୟ ୧୮ ଜଣ ପ୍ରଜା ଏବଂ ରାଉତରାପୁର ଶ୍ରୀଶ୍ରୀ ଆଖଣ୍ଡଳମଣୀ ମହାଦେବ ପରିଚାଳନା ପରିଷଦର ଜମି ମଧ୍ୟ ଅଧିଗ୍ରହଣ କରାଯିବ ବୋଲି ଅଧିସୂଚନାରେ ଜଣାପଡିଛି। ଏହି କ୍ରମରେ ଯାଜପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସପ୍ନ ସାକାର ହେବାକୁ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜିଂ ମୋଡରେ ଯାଜପୁର ଜିଲାରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ମଞ୍ଜୁରି ମିଳିଛି। ଏଥିପାଇଁ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ୩୮୪.୦୩ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଗତ ନଭେମ୍ବରରୁ ଏହି ପ୍ରକ୍ରିୟା ସମ୍ପନ୍ନ ହୋଇସାରିଛି। ଏହି ମେଡିକାଲ କଲେଜ ଯାଜପୁର ତହସିଲ ଅଧୀନ ୨ଟି ମୌଜାରେ ୦.୪୮୯୦ ଏକର ପରିସୀମାରେ ନିର୍ମାଣ କରାଯିବ। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶକ୍ରମେ ଏସ୍‌ଆଇଏ ସର୍ବେକ୍ଷଣ କରାଯାଉଛି। ଏସ୍‌ଆଇଏ ସର୍ବେକ୍ଷଣ ପାଇଁ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସହ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ବୃତ୍ତାନ୍ତ ରିପୋର୍ଟରେ ସ୍ଥାନିତ ହେବାର ଆବଶ୍ୟକତା ରହିଛି। ଏହାବାଦ ଜମି ଅଧିଗୃହୀତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବେ ଶତକଡ଼ା ୨୫ଭାଗ ପ୍ରଭାବିତ ହେଉଥିବା ସମସ୍ତ ଗ୍ରାମରେ ଗ୍ରାମସଭାରେ ଜନଶୁଣାଣି କରାଯିବ। ଏସ୍‌ଆଇଏ ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ଦିନ ମଧ୍ୟରେ କରାଯିବ। ଏସ୍‌ଆଇଏ ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ/ଗ୍ରାମ/ୱାର୍ଡସ୍ତରରେ ଓଡ଼ିଆ ଭାଷାରେ ପ୍ରକାଶନ ହେବ। ତତ୍‌ସହିତ ଜିଲାପାଳ, ଉପଜିଲାପାଳ ଏବଂ ବ୍ଲକ ମହକୁମାରେ ରିପୋର୍ଟ ପ୍ରକାଶ କରି ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ୍‌ସାଇଟରେ ସୂଚିତ କରିବାକୁ ଅତିରିକ୍ତ ଶାସନ ସଚିବ ଅଭୟ କୁମାର ନାୟକ ତାଙ୍କ ଅଧିସୂଚନାରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉପରୋକ୍ତ କୌଣସି କାର୍ଯ୍ୟ ଏଯାଏ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ପାଣିକୋଇଲିଠାରେ ପ୍ରସ୍ତାବିତ ଟ୍ରମାକେୟାର ସେଣ୍ଟର, ଢୁବୁରୀଠାରେ ଇଏସ୍‌ଆଇ ହସ୍ପିଟାଲ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରେ ଜମି ଅଧିଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଆବଶ୍ୟକ ଅର୍ଥ ପ୍ରଦାନ କରାଯାଇ ସାରିଛି। ତେବେ ଜମି ଅଧିଗ୍ରହଣ ହେଲା କି ନାହିଁ ତାହା ତହସିଲଦାର କହିପାରିବେ ବୋଲି ସେ କହିଛନ୍ତି।



ଯାଜପୁର ମେଡିକାଲ କଲେଜ ପାଇଁ ପ୍ରସ୍ତାବିତ ସ୍ଥାନ।

### ଜଗତ୍‌ସିଂହପୁରରେ ପଜିଟିଭ୍ ସଂଖ୍ୟା ୬୦୦ ଟପିଲା

**ଜଗତ୍‌ସିଂହପୁର ଅଫିସ,୨୨।୭**

ଜଗତ୍‌ସିଂହପୁର ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୬୦୦ ଟପିଛି। ବୁଧବାର ନୂଆ ୩୪ ସମେତ ମୋଟ ସଂକ୍ରମିତ ସଂଖ୍ୟା ୬୦୮ରେ ପହଞ୍ଚିଛି। ସୂଚନା ଅନୁଯାୟୀ ବାଲିକୁଦା ବ୍ଲକରୁ ୧୧, ଜଗତ୍‌ସିଂହପୁର ୧୪, କୁଜଙ୍ଗ ୫, ପାରାଦୀପ ୨, ରଘୁନାଥପୁର ୧ ଓ ନାଉଗାଁରୁ ଜଣେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାଲିକୁଦାରୁ ଚିହ୍ନଟଙ୍କ ମଧ୍ୟରୁ ହରିୟାଣାରୁ ୩, କର୍ଣାଟକ ୨, କେରଳ ୧, ମହାରାଷ୍ଟ୍ର ୨ ଓ ପଶ୍ଚିମବଙ୍ଗରୁ ୩ ଫେରିଥିଲେ। ସେମାନଙ୍କ ମଧ୍ୟରୁ ୮ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବଂ ୩ ଆଇସୋଲେଶନ୍‌ରେ ଥିଲେ। ଜଗତ୍‌ସିଂହପୁର ବ୍ଲକର ୧୪ ଜଣଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ ୧, ଗୁଜରାଟ ୧, କର୍ଣାଟକ ୧, ରାଜସ୍ଥାନ ୧, ତେଲେଙ୍ଗାନା ୨, ପଶ୍ଚିମବଙ୍ଗ ୪ ଓ ଭୁବନେଶ୍ୱରରୁ ଜଣେ ଫେରି କ୍ୱାରାଣ୍ଟାଇନରେ ଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। କୁଜଙ୍ଗର ୫ଜଣରୁ କର୍ଣାଟକ ୧, ପଶ୍ଚିମବଙ୍ଗ ୧ ଓ ତାମିଲନାଡୁରୁ ୩ ଫେରିଛନ୍ତି। ପାରାଦୀପର ୨ ଜଣ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। ରଘୁନାଥପୁରର ଜଣକ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସନ୍ତାନ ସଂକ୍ରମିତ ହୋଇଛନ୍ତି। ନାଉଗାଁ ବ୍ୟକ୍ତି ଭୁବନେଶ୍ୱରର ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ମାର୍କେଟ କମ୍ପ୍ଲେକ୍ସ



ଜରାଜୀର୍ଣ୍ଣ ଅବସ୍ଥାରେ ମାର୍କେଟ କମ୍ପ୍ଲେକ୍ସ।

**ଦିନେ ବି କାମରେ ଲାଗିଲାନି ଇଡ୍‌କୋ ଅନୁଦାନ**

**ଯାଜପୁର ଅଫିସ, ୨୨।୭**

ଯାଜପୁର ଜିଲା କଳିଙ୍ଗନଗରର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସରେ ୨୦୦୫ରେ ୫୫ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଏକ ମାର୍କେଟ କମ୍ପ୍ଲେକ୍ସ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଯାହାର ବର୍ତ୍ତମାନର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୫-୦୬ ଆର୍ଥିକ ବର୍ଷରେ ଇଡ୍‌କୋ ତରଫରୁ ମାର୍କେଟ କମ୍ପ୍ଲେକ୍ସ, ରାସ୍ତା, ଡ୍ରେନ୍, ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୭୨ ଲକ୍ଷ ୫୭ ହଜାର ୪୦୦ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଇଡ୍‌କୋ ବଙ୍ଗଳା ସମ୍ମୁଖରେ ୨୪ଟି ମାର୍କେଟ କମ୍ପ୍ଲେକ୍ସ ପାଇଁ ୨୧,୯୭,୨୦୦ ଟଙ୍କା, ଏନ୍‌ଏଚ୍-୨୦୦ରୁ ମିଲିଟାରୀ ଛକକୁ ରାସ୍ତା ନିର୍ମାଣ ପାଇଁ ୩,୧୪,୩୦୦ ଟଙ୍କା, ସେହି ରାସ୍ତାରେ ଡ୍ରେନ ନିର୍ମାଣ ପାଇଁ ୩,୬୫,୫୦୦ ଟଙ୍କା, ଇଡ୍‌କୋ ଆଇବି ନିକଟରେ ବସଷ୍ଟାଣ୍ଡ(ବ୍ଲକ ଟପ୍ ବସ ବେ) ନିର୍ମାଣ ପାଇଁ ୧୦,୮୫,୨୦୦ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୩୨,୯୫,୨୦୦ ଟଙ୍କା ରହିଥିଲା। ତେବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଥିଲେ ବି ସ୍ଥାନୀୟ ଜନସାଧାରଣଙ୍କୁ ଲିଜ ଦେଇ ଏହାକୁ ଚାଲୁ କରିବାକୁ ଇଡ୍‌କୋ ଉଚିତ ମଣି ନାହିଁ। ଦୀର୍ଘ ୧୫ ବର୍ଷ ହେବ ଏହି ମାର୍କେଟ କମ୍ପ୍ଲେକ୍ସ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ସେତେବେଳେ ଆବଣ୍ଟିତ ଅର୍ଥର ସିଂହଭାଗ ଅର୍ଥ ବାଟମାରଣା ହୋଇଥିବାରୁ ମାର୍କେଟ କମ୍ପ୍ଲେକ୍ସ ସହ ରାସ୍ତା, ଡ୍ରେନ ଆଦି ଭାଙ୍ଗି ଯାଇଛି। ମାର୍କେଟ କମ୍ପ୍ଲେକ୍ସଟି ନିର୍ମାଣ ହୋଇଥିଲେ ବି ଏହା ଦିନକ ପାଇଁ କାହାରି କାମରେ ଆସିନାହିଁ। ନିମ୍ନମାନର ନିର୍ମାଣ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଫାଟି ଆଁ କଲାଣି। କମ୍ପ୍ଲେକ୍ସ ଚତୁଃପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି ହୋଇଛି। ଏହି ମାର୍କେଟ କମ୍ପ୍ଲେକ୍ସର ପୁନଃ ମରାମତି ପାଇଁ କେହି ଚିନ୍ତା ମଧ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଏହାବାଦ ମୂଲ୍ୟବାନ କବାଟ ଝରକା ଚୋରି ହୋଇଯାଇଛି। ଲାଗିଥିବା ବିଦ୍ୟୁତ ସରଞ୍ଜାମ ମଧ୍ୟ ଉଭାନ ହୋଇଯାଇଛି। ଜିଲାରେ ଏଭଳି ଅନେକ ଉନ୍ନୟନ ଯୋଜନା କାମରେ ଆସୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

### ମୋ ଉପକାରୀ ବଗିଚାର ଶୁଭାରମ୍ଭ

**ବାଲିଆ,୨୨।୭**

ବିରିଡି ବିଡିଓ ହେମନ୍ତ କୁମାର ମହନ୍ତଙ୍କ ନିର୍ଦ୍ଦେଶରେ ସଢ଼େଇଶାସନ ପଞ୍ଚାୟତରେ ମୋ ଉପକାରୀ ବଗିଚାର ଶୁଭାରମ୍ଭ କରାଯିବା ସହ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମ୍ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ଅମିତ ରାଉଳ, ସମିତିସଭ୍ୟ ଅମୂଲ୍ୟ ମହାନ୍ତି ଶୁଭାରମ୍ଭ କରିଥିଲେ। ସଢ଼େଇଶାସନ ପଞ୍ଚାୟତରେ ୭୧ ହିତାଧିକାରୀଙ୍କୁ ମୋ ଉପକାରୀ ବଗିଚା ଯୋଜନାରେ ସାମିଲ କରାଯାଇଥିବାବେଳେ ବୁଧବାର ରଶ୍ମିରେଖା ନାୟକଙ୍କ କ୍ଷେତରେ ଏହାର କାର୍ଯ୍ୟକାରୀ କରାଯାଇଥିଲା।

ବ୍ଲକ ଜୀବନଜୀବିକା ସଂଯୋଜକ ଦିଲୀପ ମିଶ୍ର ଓ ସସ୍ମିତା ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଢେଇଶାସନ ପଞ୍ଚାୟତରେ ହାତକୁ ନିଆଯାଇଥିବା ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ମମତା ଦାଶଙ୍କ ନେତୃତ୍ୱରେ ଏମ୍‌ବିକେ ଦେବସ୍ମିତା ପରିଜା, ବ୍ୟାଙ୍କ ମିତ୍ର ରୁପଣୀ ଜେନା, ସିଆରପି କଳ୍ପନା ସ୍ୱାଇଁ, ଜ୍ୟୋସ୍ନାରାଣୀ ପ୍ରଧାନ, ସସ୍ମିତା ବେହେରା, ଦେବକୀ ରାଉତ, ପୁଷ୍ପପ୍ରିୟା ରାୟ, ହେନାଲତା ଭୂୟାଁ, ଜୟନ୍ତି ବେହେରା, ହୟାତୁନ ଖାତୁନ ପ୍ରମୁଖ କ୍ଷେତ ପ୍ରସ୍ତୁତରେ ସହାୟତା କରିଥିଲେ।

କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାଗର ସେଠୀ ଏବଂ ଜିଆରଏମ ଚିତ୍ତରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ।

# ମେଶିନ ଲୋଡିଂ ନାଁରେ ମାହାସୁଲ ଆଦାୟକୁ ବିରୋଧ



ଥାନାରେ ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ।

**ଥାନାର ଦ୍ୱାରସ୍ଥ ହେଲା ଟ୍ରକ୍ ମାଲିକ ସଂଘ**

**କାଳିଆପାଣି, ୨୨।୭ (ଡି.ଏନ୍.ଏ.)**

ସୁକିନ୍ଦା ଟାଟାଖଣିରୁ କ୍ରୋମାଇଟ ପରିବହନ ଚାଲୁଥିବା ବେଳେ ଲୋଡିଂ ଶ୍ରମିକ ନାମରେ ବେଆଇନ ମାହାସୁଲ ଆଦାୟ ନେଇ ଟ୍ରକ ମାଲିକ ସଂଘ ପକ୍ଷରୁ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୨୧ ତାରିଖଠାରୁ ସୁକିନ୍ଦା କ୍ରୋମାଇଟ ଖଣି ଅଧୀନସ୍ଥ ଟାଟା ଖଣିରୁ ସମସ୍ତ ଲୋଡିଂ ଶ୍ରମିକଙ୍କୁ ନୋଟିସ୍ ଦେଇ ଛଟେଇ କରିଦିଆଯାଇଛି। ଲକ୍‌ଡାଉନ ଯୋଗୁ କିଛି ଦିନ ଖଣିରୁ ପରିବହନ ବନ୍ଦ ରହିଥିବା ବେଳେ ଏବେ ଖଣିରୁ ପରିବହନ ଆରମ୍ଭ ହୋଇଛି। ତେବେ ଲୋଡିଂ ଶ୍ରମିକମାନଙ୍କୁ ଛଟେଇ କରିଦିଆଯାଇଥିବାରୁ ମେଶିନ ସାହାଯ୍ୟରେ କ୍ରୋମାଇଟ ଲୋଡିଂ କରାଯାଉଛି। ହେଲେ ଖଣିର ପରିବହନ ପ୍ରବନ୍ଧକ ଅନଙ୍ଗ ଉଦୟ ମାହାନାଙ୍କ ନିର୍ଦ୍ଦେଶରେ ପରିବହନ ଠିକାଦାର ଓ ସନ୍ତୋଷ କୁମାର ଦାସ ନାମକ ଜଣେ ବ୍ୟକ୍ତି ୬,୧୦.୧୨.୧୪ ଚକିଆ ଟ୍ରକଠାରୁ ଯଥାକ୍ରମେ ୬୦୦, ୧୨୦୦ ଓ ୧୪୦୦ ଟଙ୍କା ଲେଖାଏଁ ବେଆଇନ ଭାବେ ମାହାସୁଲ ଆଦାୟ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଟ୍ରକର ଲୋଡିଂ ବାବଦ ଖର୍ଚ୍ଚ ପରିବହନ ଠିକାଦାର ବହନ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଟ୍ରକ ମାଲିକମାନେ ଶୋଷଣର ଶିକାର ହେଉଥିବା ସଂଘ ସମ୍ପାଦକ ଅରୁଣ କୁମାର ପରିଡ଼ା ଅଭିଯୋଗ କରିଛନ୍ତି। ସମାନ ଭାବେ କମର୍ଦ୍ଧା ଓ ସାରୁଆବିଲ ଖଣିରେ ମଧ୍ୟ ଶ୍ରମିକ ନ ଥିବା ବେଳେ ଶ୍ରମିକଙ୍କ ନାମରେ ମାହାସୁଲ ଆଦାୟ କରାଯାଉଛି। ଜିଲାପାଳ ଏ ଦିଗରେ ହସ୍ତକ୍ଷେପ କରିବାକୁ ଟ୍ରକ ମାଲିକ ସଂଘ ଅନୁରୋଧ କରିଛନ୍ତି। ଏ ନେଇ ଟାଟା କମ୍ପାନୀ ପରିବହନ ପ୍ରବନ୍ଧକ ଅନଙ୍ଗଉଦୟ ମାହାନାଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ବି ସେ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

# ମାପଚୁପ କଲା ସର୍ଭେୟର ଟିମ୍



ସର୍ଭେୟର ଦଳ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ରାଜପଥ ଅବରୋଧ ପ୍ରସଙ୍ଗ**

**ରସୁଲପୁର, ୨୨।୭ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀ ଦୈନିକ ପରିବାହାଟ ୧୬ ନଂ. ଜାତୀୟ ରାଜପଥ ଉପରେ ଚାଲୁଛି। ଏପରି କି ହାଟ ପରିଚାଳନା ଦାୟିତ୍ୱରେ ଥିବା ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ ରାଜପଥ ଉପରେ ମାଟି ପକାଯାଇ ଅବରୋଧ କରାଯାଉଛି। ଏ ନେଇ ଅଞ୍ଚଳବାସୀ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଏହାପରେ ଆଞ୍ଚଳିକ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଡିବିଏଲ ଠିକାସଂସ୍ଥାକୁ ସରଜମିନ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଠିକାସଂସ୍ଥା ପକ୍ଷରୁ ରାଜପଥ ସର୍ଭେୟର ଟିମ୍ ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରି ଜବରଦଖଲ ଜମି ମାପଚୁପ୍ କରିଥିଲେ। ସର୍ଭେୟର ଦଳ ମୁଖ୍ୟ ଏ. ବାନାର୍ଜୀ, ନିର୍ମାଣ ପରିଚାଳକ ସଞ୍ଜୟ ସିଂଙ୍କ ସମେତ ୧୦ଜଣ କର୍ମଚାରୀ ଏଥିରେ ସାମିଲ ଥିଲେ। ତେବେ ଜବରଦଖଲ ଜମି ରାଜପଥର ବୋଲି ଜଣାପଡ଼ିଥିବା ବେଳେ ଏ ନେଇ ସର୍ଭେୟର ଦଳ ରାଜପଥ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ମୁଖ୍ୟଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ସର୍ଭେୟର ଦଳ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏ ନେଇ ଡିବିଏଲ୍ କମ୍ପାନୀର ଲିଆସନିଂ ମ୍ୟାନେଜର ଅଶୋକ ସିଂ ତୋମାରଙ୍କୁ ପଚାରିବାରେ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଥିଲା। ସେହି ମୁତାବକ ସର୍ଭେୟର ଦଳ କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନଙ୍କଠାରୁ ରିପୋର୍ଟ ଆସିବା ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ମତ ରଖିଛନ୍ତି।

### ଚୋରି ଅଭିଯୋଗରେ ୨ ଗିରଫ

**ଏରସମା,୨୨।୭(ସ୍ୱ.ପ୍ର.)**

ଏରସମା ଥାନା ଗଡ଼ହରିଶପୁର ଗ୍ରାମରୁ ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ସାହାଡ଼ାବେଦୀ ଗ୍ରାମର ମଦନ ସାମଲ ଓ ବାଲିକୁଦା ଥାନା ଅଧୀନ ଖଲେରୀ ଗ୍ରାମର ଅଶିଷ ସ୍ୱାଇଁ(୨୫)।

# ବଡ଼ ଚାଷୀଙ୍କୁ କମ୍, ସାନଙ୍କୁ ମିଳୁଛି ଅଧିକ

**ଫନୀ କ୍ଷତିଗ୍ରସ୍ତ ମୁଗଚାଷୀଙ୍କୁ ସହାୟତା ଏମିତି**

- ଜିଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୨୨।୭**

ବାତ୍ୟା ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ମୁଗ ଚାଷ ଉଜୁଡି ଯାଇଥିଲା। ସରକାର ଏହି ଚାଷୀଙ୍କୁ ଏବେ ସହାୟତା ରାଶି ପ୍ରଦାନ କରୁଛନ୍ତି। ମାତ୍ର ଦୁଃଖର କଥା ହେଲା ଯେଉଁ ଚାଷୀ ଅଧିକ ମୁଗ ଚାଷ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କମ୍ ଟଙ୍କା ଦିଆଯାଇଛି। ଅନ୍ୟପଟେ ଆଦୌ ଜମି ନ ଥିବା ଏପରି କି କମ ବିଲରେ ଚାଷ କରିଥିବା ଚାଷୀଙ୍କୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଜିଲାର ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତର କେତେଜଣ ଚାଷୀ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସାକ୍ଷାତ କରି ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥିସହ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବିପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କିତ ଅଭିଯୋଗର ନକଲ ଜିଲାପାଳ ଓ ନାଉଗାଁ ତହସିଲଦାରଙ୍କ ଅବଗତି ନିମନ୍ତେ ପଠାଯାଇଥିବା ଉଲ୍ଲେଖ ଅଛି।

ଗଳଧାରୀ ଓ ଏରଡ଼ା ସରପଞ୍ଚ ସାଗରିକା ମଲ୍ଲିକ, ଗୋପବନ୍ଧୁ ପ୍ରଧାନ, ବିଭୂତି ନାୟକ, ଭୋଳା ନାୟକ, ମହେନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଭାରତ ନାୟକଙ୍କ ସମେତ ଏକାଧିକ ବ୍ୟକ୍ତି ଅଭିଯୋଗରେ କହିଛନ୍ତି, ଫନୀ ସହାୟତାରେ ଅନିୟମିତତା କରାଯାଇଛି। ଜଣେ ଚାଷୀ ୩/୪ ଏକର ବିଲରେ ମୁଗ ଚାଷ କରିଥିବାବେଳେ ତାଙ୍କର କମ ପରିମାଣ ଏପରି କି ୩/୪ ଗୁଣ୍ଠ ହୋଇଥିବା କାଗଜପତ୍ର ଦର୍ଶାଯାଇ ନିରାଶ କରାଯାଇଛି। କିନ୍ତୁ ଯେଉଁ ଚାଷୀ ଗୁଣ୍ଠେ, ୨ଗୁଣ୍ଠ ଜମିରେ ଚାଷ କରିଥିଲେ ସେମାନଙ୍କର ୨ରୁ ୪ ଏକର ଦର୍ଶାଯାଇ ସହାୟତା ପ୍ରଦାନ କରାଯାଇଛି। ଗୋଟିଏ ପରିବାରର ବାପା ଓ ଅବିବାହିତ ପୁଅଙ୍କୁ ଏବଂ ସ୍ତ୍ରୀଙ୍କ ନାମରେ ଜମି ନ ଥାଇ ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ନଜିର ରହିଛି। ଗୋଟିଏ ଗୋଟିଏ ପରିବାରର ଆଦୌ ଜମି ନ ଥିବାବେଳେ ସେମାନଙ୍କର ଏକାଧିକ ଲୋକଙ୍କ ନାଁରେ ସହାୟତା ରାଶି ଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ମହାପାତ୍ର କହିଛନ୍ତି, ଏଭଳି ତ୍ରୁଟି ହୋଇଥିଲେ ଆଦୌ ବରଦାସ୍ତ କରାଯିବ ନାହିଁ। ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ନାଉଗାଁ ବ୍ଲକ ଅଞ୍ଚଳରେ ଫନୀ ବାତ୍ୟାରେ ୩,୮୬୯ ଚାଷୀଙ୍କ ମୁଗ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଥିଲା। ସେଥିରୁ ଗଳଧାରୀ ପଞ୍ଚାୟତର ୫୧୮ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ତାଲିକା ପ୍ରସ୍ତୁତ କରାଯାଇଥିଲା।



ଜିଲା କୃଷି ଅଧିକାରୀଙ୍କୁ ଅଭିଯୋଗ କରିଥିବା ଚାଷୀ।

